# NATIONAL NEWS BULLETIN (ODIA)

**31st August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଉପରେ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

  – 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନବିକତା ପ୍ରଦର୍ଶନ କରିଥିବା ସମସ୍ତଙ୍କୁ ଜଣାଇଛନ୍ତି କୃତଜ୍ଞତା ।

- ଏସ୍‌ସିଓ ଶିଖର ସମ୍ମିଳନୀ ଅବସରରେ ଚୀନ୍ ରାଷ୍ଟ୍ରପତିଙ୍କ ସହ ତିଆନ୍‌ଜିନ୍‌ଠାରେ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

- ଆମେରିକାକୁ ଡାକଯୋଗେ ପଠାଯାଉଥିବା ୧୦୦ ଡଲାର ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ଉପରେ ସ୍ଥଗିତାଦେଶ ଜାରିକଲେ ସରକାର ।

ଏବଂ

- ଏସିଆ କପ୍ ପୁରୁଷ ହକି ଚାମ୍ପିଆନସିପ୍ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ ଓ ଜାପାନ ମଧ୍ୟରେ ହେବ ମୁକାବିଲା ।

---

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆତ୍ମନିର୍ଭର ଭାରତ ପଥରେ ବିକଶିତ ଦେଶ ଗଠନ ଲକ୍ଷ୍ୟ ନେଇ ଭାରତକୁ 'ଲୋକାଲ୍ ଫର ଭୋକାଲ୍' ମନ୍ତ୍ର ସହିତ ଆଗକୁ ବଢ଼ିବାକୁ ହେବ। ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଉପରେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

## – V/O – 1. (Vocal for Local)

ପ୍ରଧାନମନ୍ତ୍ରୀ କହିଛନ୍ତି 'ଏକ ଭାରତ, ଶ୍ରେଷ୍ଠ ଭାରତ' ମନ୍ତ୍ରରେ ଆମକୁ ଏକହୋଇ ଆଗେଇବାକୁ ହେବ। ଏ କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ଶ୍ରୀନଗରର ଡାଲ୍ ହ୍ରଦରେ ୮୦୦ ଖେଳାଳିଙ୍କୁ ନେଇ ପ୍ରଥମଥର ପାଇଁ ଆୟୋଜନ କରାଯାଇଥିବା ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍‌ସ ପ୍ରତିଯୋଗିତା ଉପରେ ଆଲୋକପାତ କରିଥିଲେ। ୱାର୍ଟରସ୍ପୋର୍ଟସ୍ କ୍ରୀଡ଼ାମହୋତ୍ସବରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ଜିତିଥିବା ଓଡ଼ିଶାର ଖେଳାଳି ରଶ୍ମିତା ସାହୁ ଓ ଶ୍ରୀନଗରର ମହସନ୍ ଅଲ୍ଲୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିବା କହିଥିଲେ।

## – V/O – 2. (Water Sports)

ଜାମ୍ମୁକାଶ୍ମୀରର ପୁଲୱାମାରେ ଆୟୋଜିତ ପ୍ରଥମ ଦିବାରାତ୍ର ରୟାଲ ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ୍‌ରେ ରେକର୍ଡସଂଖ୍ୟକ ଦର୍ଶକ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଚଳିତ ମୌସୁମୀ ଋତୁରେ ଦେଖାଦେଇଥିବା ପ୍ରାକୃତିକ ବିପର୍ଯ୍ୟୟ ଦେଶ ପାଇଁ ଏକ ଆହ୍ୱାନ ହୋଇଛି । ଗତ କିଛି ସପ୍ତାହ ମଧ୍ୟରେ ଦେଶରେ ବନ୍ୟା ଓ ଭୂସ୍ଖଳନ ଭଳି ବିପର୍ଯ୍ୟୟ ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଆମର ଯବାନମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ରିଲିଫ ଓ ଥଇଥାନ କାର୍ଯ୍ୟ କରୁଛନ୍ତି । ଏହି ପରୀକ୍ଷା ସମୟରେ ମାନବୀୟ ଗୁଣାବଳୀ ପ୍ରଦର୍ଶନ କରିଥିବା ସମସ୍ତଙ୍କ ପ୍ରତି ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ୟୁପିଏସ୍‌ସି ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ମେରିଟ୍ ତାଲିକାରେ ସ୍ଥାନ ପାଇନଥିବା ଛାତ୍ରଛାତ୍ରୀମାନେ ଡିଜିଟାଲ ପ୍ଲାଟଫର୍ମ 'ପ୍ରତିଭା ସେତୁ'ର ସୁବିଧା ନେଇପାରିବେ । ଶ୍ରୀ ମୋଦୀ କହିଛନ୍ତି ଏହି ପୋର୍ଟାଲ ଜରିଆରେ ଶତାଧିକ ପ୍ରାର୍ଥୀ ଉପଯୁକ୍ତ ନିଯୁକ୍ତି ପାଇପାରିଛନ୍ତି ଏବଂ ଏହା ଆଗକୁ ବଢ଼ିବ ବୋଲି ସେ ଆଶା କରିଛନ୍ତି ।

ଭାରତରେ ନିୟମିତ ଭାବେ ଫୁଟବଲ୍ ଖେଳର ଲୋକପ୍ରିୟତା ବଢୁଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ମଧ୍ୟପ୍ରଦେଶର ସାହଦଲ୍ ସହରରେ ଆରମ୍ଭ ହୋଇଥିବା କ୍ରୀଡ଼ାବିପ୍ଳବକୁ ଦେଖିବା ପାଇଁ ଯିବାକୁ ପ୍ରଧାନମନ୍ତ୍ରୀ ଫୁଟବଲପ୍ରେମୀମାନଙ୍କୁ ଆହ୍ୱାନ କରିଛନ୍ତି ।

ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ଏବେ ଭାରତୀୟ ସଂସ୍କୃତି ଓ ରାମାୟଣ ପ୍ରତି ଶ୍ରଦ୍ଧା ଦେଖାଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଋଷିଆର ଭ୍ଲାଡିବୋଷ୍ଟକ ସହରରେ ଆୟୋଜିତ ଏକ ପ୍ରଦର୍ଶନୀରେ ଋଷୀୟ

ପିଲାମାନଙ୍କ ଦ୍ୱାରା ରାମାୟଣ ଶୀର୍ଷକ ଅନେକଗୁଡ଼ିଏ ଚିତ୍ରାଙ୍କନ ପ୍ରଦର୍ଶିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ଆସନ୍ତା ୧୫ ତାରିଖରେ ପାଳିତ ହେବାକୁ ଥିବା 'ଇଞ୍ଜିନିୟର୍ସ ଡେ' ଏବଂ ୧୭ ତାରିଖରେ 'ବିଶ୍ୱକର୍ମା ପୂଜା' ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦେଶରେ ବିଶ୍ୱକର୍ମା ଶିଳ୍ପୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# – V/O – 3. (Biswakarma Day)

# ପିମ୍ ଏସ୍‌ସିଓ

ଚୀନ୍‌ର ତିଆନ୍‌ଜିନ୍‌ଠାରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ୍ ରାଷ୍ଟ୍ରପତି ସି ଜିଙ୍ଗ ପିନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକ କରିଛନ୍ତି । ଉଭୟ ଦେଶ ମଧ୍ୟରେ ସହଯୋଗ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ସେ କହିଛନ୍ତି ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କ ମାନବତାର କଲ୍ୟାଣ ପାଇଁ ପଥ ପ୍ରଶସ୍ତ କରିବ । ଭାରତ ପାରସ୍ପରିକ ବିଶ୍ୱାସ, ସମ୍ମାନ ଓ ସମ୍ବେଦନଶୀଳତା ଆଧାରରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ । ଉଭୟ ଦେଶ ମଧ୍ୟରେ ସୀମା ସମ୍ପର୍କ ବୃଦ୍ଧିରେ ପ୍ରତିନିଧିସ୍ତରୀୟ ଆଲୋଚନା ଏବଂ ବୁଝାମଣା ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କୈଳାସ ମାନସରୋବର ଯାତ୍ରା ପୁନଃଆରମ୍ଭ ହେବାସହ ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣର ପୁନଃଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ

ସୂଚନା ଦେଇଛନ୍ତି। ଏସ୍‌ସିଓ ସଦସ୍ୟ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ବୈଠକରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ୨୦୧୭ ମସିହାରୁ ଭାରତ ଏସ୍‌ସିଓର ସଦସ୍ୟ ରହିଆସିଛି। ଏସ୍‌ସିଓରେ ଭାରତକୁ ମିଶାଇ ୧୦ଟି ରାଷ୍ଟ୍ର ସଦସ୍ୟ ଅଛନ୍ତି। ସେଗୁଡ଼ିକ ହେଲା ବେଲାରୁଷ, ଚୀନ୍, ଇରାନ୍, କାଜାକିସ୍ଥାନ, କିରଗିଜ୍‌ସ୍ଥାନ, ପାକିସ୍ଥାନ, ଋଷିଆ, ତାଜିକିସ୍ଥାନ ଏବଂ ଉଜ୍‌ବେଗିସ୍ଥାନ। ୨୦୨୨-୨୩ରେ ଭାରତର ସଭାପତିତ୍ୱରେ ଏସ୍‌ସିଓ ବୈଠକ ଅନୁଷ୍ଠିତ ହୋଇଥିଲା।

## ପୋଷ୍ଟସ୍-ୟୁଏସ୍ଏ

ଆମେରିକାକୁ ପଠାଯାଉଥିବା ଏକଶହ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଚିଠି, ନଥିପତ୍ର ଏବଂ ଉପହାର ସାମଗ୍ରୀ ସମେତ ସମସ୍ତ ପ୍ରକାର ଡାକ ବୁକିଂକୁ ସରକାର ସ୍ଥଗିତ ରଖିଛନ୍ତି। ଡାକ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆମେରିକାକୁ ପଠାଯାଉଥିବା ଡାକ ପରିବହନ ବ୍ୟବସ୍ଥାରେ ପରିବର୍ତ୍ତିତ ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ଯଥାଶୀଘ୍ର ଡାକସେବା ପୁନଃସ୍ଥାପନ ପାଇଁ ପ୍ରୟାସ ଜାରି କରାଯାଉଛି। ଆମେରିକା ପାଇଁ ଡାକ ବୁକିଂ କରିଥିବା ଜିନିଷପତ୍ର ଉପରେ ସେବା ବାବଦ ଖର୍ଚ୍ଚ ଫେରସ୍ତ କରିଦିଆଯିବ ବୋଲି ଡାକବିଭାଗ କହିଛି।

## ୟୁକେ ପ୍ରବାସୀ

ବ୍ରିଟେନ୍‌ରେ ବେଆଇନ ପ୍ରବାସୀଙ୍କ ବୃଦ୍ଧି ଏବଂ ଏହାଦ୍ୱାରା ସୃଷ୍ଟ ପରିସ୍ଥିତିର ମୁକାବିଲା କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର ସେମାନଙ୍କୁ ତାଙ୍କ ଦେଶକୁ ପଠାଇଦେବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଷ୍ଟାରମର୍ କହିଛନ୍ତି ଅବୈଧ ପ୍ରବେଶକାରୀଙ୍କୁ ଅଟକ ରଖି ସ୍ୱଦେଶକୁ ଫେରାଇ ଦିଆଯିବ। ବେଆଇନ ପ୍ରବେଶକାରୀଙ୍କ ବିରୁଦ୍ଧରେ ବ୍ରିଟେନ ସରକାର ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ଲଣ୍ଡନ, ସ୍କେଗନେସ୍ ଏବଂ ଗ୍ଲୋସେଷ୍ଟରଠାରେ ବିଭିନ୍ନ ହୋଟେଲରେ ରହିଥିବା ବେଆଇନ ପ୍ରବେଶକାରୀଙ୍କୁ ନେଇ ପ୍ରଦର୍ଶନୀମାନ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଲଣ୍ଡନରେ ୫ ଜଣଙ୍କୁ ଗିରଫ କରାଯାଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଜୁନ୍ ଶେଷ ସୁଦ୍ଧା ବିଭିନ୍ନ ହୋଟେଲରେ ଆଶ୍ରୟ ନେଇଥିବା ପ୍ରବାସୀଙ୍କ ସଂଖ୍ୟା ୩୨ ହଜାରରୁ ଅଧିକ ହୋଇଛି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଆଶ୍ରୟ ହୋଟେଲଗୁଡ଼ିକୁ ବନ୍ଦ କରିବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି।

# ଜିଡିପି-ରିଆକ୍ସନ୍‌ସ

ଏପ୍ରିଲରୁ ଜୁନ୍ ତ୍ରୈମାସିକରେ ଭାରତର ଦୃଢ଼ ଅଭିବୃଦ୍ଧିକୁ ଅର୍ଥନୀତି ବିଶେଷଜ୍ଞମାନେ ପ୍ରଶଂସା କରିଛନ୍ତି । ବିଶେଷଜ୍ଞମାନେ କହିଛନ୍ତି ଏହି ବୃଦ୍ଧି ସମସ୍ତ ଆଶା ଅତିକ୍ରମ କରିଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ମାସରେ ଭାରତର ମୋଟ୍ ଘରୋଇ ଉତ୍ପାଦ ଜି.ଡି.ପି ୭ ଦଶମିକ ୮ ପ୍ରତିଶତ ବୃଦ୍ଧିପାଇବା ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଫେସର ଯଶବୀର ତ୍ୟାଗୀ କହିଛନ୍ତି ଭାରତୀୟ ଅର୍ଥନୀତି ଦ୍ୱାରା ଦର୍ଶାଯାଇଥିବା ପ୍ରଦର୍ଶନ

ଆଶାଠାରୁ ଅଧିକ ଅତିକ୍ରମ କରିଛି । ସେ କହିଛନ୍ତି ପୂର୍ବ ଆକଳନ ଅପେକ୍ଷା ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ଏକ ସକରାତ୍ମକ ସଙ୍କେତ ।

## ବିହାର ଏସିଆ କପ୍

ଏସିଆ କପ୍ ପୁରୁଷ ହକି ଚାମ୍ପିଆନ୍‌ସିପ୍‌ରେ ୨୦୨୫ର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ ଓ ଜାପାନ ମଧ୍ୟରେ ମୁକାବିଲା ହେବ। ରାଜଗିରିର ଆନ୍ତର୍ଜାତିକ ସ୍ପୋର୍ଟସ କମ୍ପଲେକ୍ସ ଷ୍ଟାଡିୟମଠାରେ ଏହି ମ୍ୟାଚ୍ ଅପରାହ୍ଣ ୩ଟାରେ ଖେଳାଯିବ। ଉଭୟ ଦଳ 'ପୁଲ୍-ଏ' ରେ ସ୍ଥାନିତ ହୋଇଥିବା ବେଳେ ସେମାନଙ୍କର ପ୍ରାରମ୍ଭିକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଭାରତ ୪-୩ ଗୋଲରେ ଚୀନ୍‌କୁ ଏବଂ ଜାପାନ ୭-୦ ଗୋଲରେ କାଜାକିସ୍ଥାନକୁ ପରାସ୍ତ କରିଥିଲା।

## ୟୁଏସ୍ ଓପନ୍ ଟେନିସ୍

ୟୁଏସ୍ ଓପନ୍‌ରେ ଭାରତୀୟ ଟେନିସ ଖେଳାଳି ୟୁକି ଭାମ୍ବରି ଓ ତାଙ୍କ ଯୋଡ଼ି ମାଇକେଲ ଭେନସ୍ ଆମେରିକୀୟ ଯୋଡ଼ି ମାର୍କସ ଗିରନ୍ ଓ ଲର୍ଣ୍ଣର ଟିଏନ୍ ଙ୍କୁ ୨-୦ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଡବଲ୍‌ସ ଯୋଡ଼ି ଅନିରୁଦ୍ଧ ଚନ୍ଦ୍ରଶେଖର ଏବଂ ବିଜୟ ପ୍ରଶାନ୍ତ ସେମାନଙ୍କର ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିଛନ୍ତି। ପୁରୁଷ ସିଙ୍ଗଲସ୍‌ରେ ଟୁର୍ଣ୍ଣାମେଣ୍ଟର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆଲେକ୍‌ଜାଣ୍ଡାର ଜେଭ୍‌ରେଭ୍ ହାରିଯାଇଛନ୍ତି। ଆଜି ବିଶ୍ୱର ପୁରୁଷ ସିଙ୍ଗଲସ୍ ୨ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି

କାରଲ୍‌ସ ଆଲ୍‌କାରାଜ୍ ଓ ନୋଭାକ୍ ଜୋକୋଭିକ୍ ସେମାନଙ୍କର ପରବର୍ତ୍ତୀ ମ୍ୟାଚ୍ ଖେଳିବେ ।

## ଆଇଏମ୍‌ଡି ଓ୍ୱେଦର

ପଶ୍ଚିମ ଉତ୍ତରପ୍ରଦେଶ, ପଞ୍ଜାବ, ହରିଆନା, ଚଣ୍ଡିଗଡ଼, ରାଜସ୍ଥାନର ପୂର୍ବାଞ୍ଚଳ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବାନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଧୂଳିଝଡ଼ ଏବଂ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ଆସାମ, ମେଘାଳୟ, ଛତିଶଗଡ଼, ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳ, ଗୁଜୁରାଟ, ମଧ୍ୟପ୍ରଦେଶ, ନାଗାଲାଣ୍ଡ, ମଣିପୁର, ମିଜୋରାମ୍, ତ୍ରିପୁରା, ଉତ୍ତରାଖଣ୍ଡ ଏବଂ ବିଦର୍ଭକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଓଡ଼ିଶା ସମେତ ଦିଲ୍ଲୀ, ମୁଜାଫରବାଦ, କୋଙ୍କଣ, ଗୋଆ, ମଧ୍ୟ-ମହାରାଷ୍ଟ୍ର, ନାଗାଲାଣ୍ଡ, ମଣିପୁର, ମିଜୋରାମ୍, ପଶ୍ଚିମବଙ୍ଗ, ସିକ୍କିମ୍, ତ୍ରିପୁରା ଓ ତେଲେଙ୍ଗାନାରେ ପ୍ରବଳ ବର୍ଷା ହେବାନେଇ ପାଣିପାଗ ବିଭାଗ ସତର୍କ କରାଇଛି ।